# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 10th April - 2026

*************************************

***Desk***

## କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଜି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ବୈଠକରେ ପୂର୍ତ୍ତ, ପଞ୍ଚାୟତିରାଜ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଉଚ୍ଚଶିକ୍ଷା ତଥା ଅନ୍ୟ ବିଭାଗ ସମ୍ପର୍କିତ ପ୍ରସ୍ତାବ ଉପରେ ଆଲୋଚନା ହେବ ବୋଲି ଜଣାପଡ଼ିଛି।

***IPR***

## ଗ୍ରାମୋଦୟ ଯୋଜନା

ରାଜ୍ୟର ମାଓବାଦୀ ପ୍ରଭାବିତ ୧୦ଟି ଜିଲ୍ଲାଗୁଡ଼ିକରେ ଗ୍ରାମୋଦୟ ଯୋଜନାକୁ ତ୍ୱରିତ କାର୍ଯ୍ୟକାରୀ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାଗୁଡ଼ିକୁ ସମୟସୀମା ମଧ୍ୟରେ ସରକାରୀ ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଛି । ୩୯ଟି ବ୍ଲକ୍‌ର ୪୮୪ଟି ଗ୍ରାମରେ ବାସ

କରୁଥିବା ଭୂମିହୀନ ପରବାରଙ୍କୁ ଆସନ୍ତା ମଇ ମାସ ୧୫ ତାରିଖ ସୁଦ୍ଧା ବସୁନ୍ଧରା ଯୋଜନା ଅନ୍ତର୍ଗତ ଭୂମି ପ୍ରଦାନ ଓ ଜମିପଟ୍ଟା ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

***Puri/R***

## ରତ୍ନଭଣ୍ଡାର ଗଣତି ମଣତି

ପୁରୀ ଶ୍ରୀମନ୍ଦିରର ବାହାର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଦ୍ୱିତୀୟ ପର୍ଯ୍ୟାୟ ଗଣତି ମଣତି ଚାଲିଛି । ଦ୍ୱିତୀୟ ଦିନରେ ଗତକାଲି ଭଣ୍ଡାର ମେକାପ ଯୋଗାଉଥିବା ଅଳଙ୍କାର ଆଦିର ଗଣତି ପ୍ରକ୍ରିୟାରେ ସାମିଲ୍ ବଣିଆ ସଦସ୍ୟ, ଜେମୋଲୋଜିଷ୍ଟ ଏବଂ ଓଜନ ମାପ ଅଧିକାରୀ ସଦସ୍ୟମାନେ ଗଣତି ଅଳଙ୍କାରଗୁଡ଼ିକର ଫଟୋଗ୍ରାଫି, ଭିଡ଼ିଓଗ୍ରାଫି, 3-D ସ୍କାନିଂ କରିଥିଲେ ।

***IPR***

## ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ-୨୦୨୬ ପାଳନର ଆଜି ଦଶମ ଦିନରେ "ଲୋକକଳାପାଇଁ ଦିନଟିଏ" ରାଜ୍ୟସ୍ତରୀୟ ଉତ୍ସବ ପିପିଲଠାରେ ପାଳନ କରାଯିବ । ପୂର୍ବତନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅପରାହ୍ଣରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ

ପ୍ରାୟ ୮୦ଟି ସାଂସ୍କୃତିକ ଦଳ ଓ ୮ ଶହରୁ ଊର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରିବେ ।

***Ganjam/R***

## ଖାଦ୍ୟ ପ୍ରକ୍ରିୟାକରଣ ପାର୍କ

ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବାକୁ ସରକାର ସଙ୍କଳ୍ପବଦ୍ଧ ବୋଲି  ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ।  ବ୍ରହ୍ମପୁରଠାରେ ଆୟୋଜିତ ସୁଭଦ୍ରା ଶକ୍ତି ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଗଞ୍ଜାମ ଜିଲ୍ଲା ଅଣ୍ଡା ଓ ଦୁଗ୍ଧ ଉତ୍ପାଦନରେ ଆତ୍ମନିର୍ଭର ହୋଇପାରିଛି । ଜିଲ୍ଲାରେ ୫୦ କୋଟି ଟଙ୍କା ବ୍ୟୟରେ ଏକ ଖାଦ୍ୟ ପ୍ରକ୍ରିୟାକରଣ ପାର୍କ ଏବଂ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟରେ ଗୋପାଳପୁରଠାରେ ସ୍ମାର୍ଟ ହାର୍ବର୍ ନିର୍ମାଣ କରିବାପାଇଁ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି ।

***IPR***

## ମହିଳା ସମୀକ୍ଷା ବୈଠକ

ମହିଳାମାନଙ୍କୁ ସୁରକ୍ଷା, ନିରାପତ୍ତା ଓ ସଶକ୍ତ କରିବା କ୍ଷେତ୍ରରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଭୁବନେଶ୍ୱର

ଲୋକସେବା ଭବନରେ ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା ବିଜୟା ରହାଟ୍‌କରଙ୍କ ଅଧ୍ୟକ୍ଷତାରେ ଗତକାଲି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀମତୀ ରହାଟ୍‌କର’ ମହିଳାଙ୍କ ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବାରେ ରାଜ୍ୟ ସରକାରଙ୍କ ପ୍ରତିଷ୍ଠାନଗତ ବିଭିନ୍ନ ବ୍ୟବସ୍ଥା, ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି ଆଦି ପଦକ୍ଷେପକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ ମହିଳା ସଶକ୍ତୀକରଣ ଓ ସୁରକ୍ଷାପାଇଁ ଗ୍ରହଣ କରାଯାଉଥିବା ପ୍ରମୁଖ ପଦକ୍ଷେପର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ ।

***Dhenkanal/R***

## ପ୍ରକଳ୍ପ ଉଦ୍‌ଘାଟନ

ଢେଙ୍କାନାଳ ପୌରାଞ୍ଚଳରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କରିଛନ୍ତି । ଏଥିରେ ୧ କୋଟି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପ ଅନ୍ତର୍ଭୁକ୍ତ ।

***Nayagarh/R***

## କୁଆଁରିଆ ମହୋତ୍ସବ

ନୟାଗଡ଼ ଜିଲ୍ଲା ଦଶପଲ୍ଲା ସହରରେ କୁଆଁରିଆ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି । ବିଧାୟକ ରମେଶ ଚନ୍ଦ୍ର ବେହେରା ଓ

ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ଦଶପଲ୍ଲାର କଳା, ସଂସ୍କୃତି, ଐତିହ୍ୟ ଓ ଭାସ୍କର୍ଯ୍ୟ ବହୁ ପୁରାତନ ବୋଲି ମତବ୍ୟକ୍ତ କରିଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାପାଇଁ ରଥକାଠ ଯୋଗାଣ ପରମ୍ପରା ବିଗତ ୨୫୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜାରି ରହିଛି । ରାମାୟଣ ଲୋକକଳାକୁ ୨୨୪ ବର୍ଷ ଧରି କୁଞ୍ଜବନ ଗଡ଼ ଲୋକକଳା ଗ୍ରାମରେ ଉଜ୍ଜୀବିତ ରଖାଯାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

***Ganjam/R***

# ସମ୍ପୂର୍ଣ୍ଣ ଶ୍ରୀ ମିଶନ

ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମ୍ପୂର୍ଣ୍ଣ ଶ୍ରୀ ମିଶନ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ବିଭିନ୍ନ ବିଭାଗର ସମନ୍ୱୟ ମାଧ୍ୟମରେ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

***Desk***

# ବିଶ୍ୱ ହୋମିଓପ୍ୟାଥି ଦିବସ

ଚିକିତ୍ସା କ୍ଷେତ୍ରରେ ବିକଳ୍ପ ପଦ୍ଧତି ଭାବେ ହୋମିଓପ୍ୟାଥିର ବ୍ୟବହାର ବିଶ୍ୱରେ ଆଦୃତ ହେବାରେ ଲାଗିଛି। ବିଶ୍ୱର ୮୦ରୁ ଅଧିକ ଦେଶରେ ଏହି ଚିକିତ୍ସା ବ୍ୟବସ୍ଥାକୁ ଗ୍ରହଣ କରାଯାଇଛି। ଲୋକମାନଙ୍କ ମଧ୍ୟରେ ହୋମିଓପ୍ୟାଥି

ଚିକିତ୍ସା ପଦ୍ଧତି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଆଜି ବିଶ୍ୱ ହୋମିଓପ୍ୟାଥି ଦିବସ ପାଳନ କରାଯାଉଛି। ହୋମିଓପାଥି ଚିକିତ୍ସାର ଜନକ ଡାକ୍ତର ସାମୁଏଲ ହାନିମ୍ୟାନଙ୍କର ଜନ୍ମଦିନ ଏପ୍ରିଲ ମାସ ୧୦ତାରିଖ ଅର୍ଥାତ୍ ଆଜିକୁ ଏହି ଦିବସ ଭାବେ ପାଳନ କରାଯାଉଛି । **ଚଳିତବର୍ଷର ହୋମିଓପ୍ୟାଥି ଦିବସର ବାର୍ତ୍ତା ହେଉଛି 'ନିରୋଗ ସ୍ୱାସ୍ଥ୍ୟପାଇଁ ହୋମିଓପ୍ୟାଥି'** । ପକ୍ଷଘାତ, ମାନସିକ ରୋଗ ଏବଂ ଜୀବନଶୈଳୀ ସହ ଜଡିତ ଉଚ୍ଚ ରକ୍ତଚାପଠାରୁ ଆରମ୍ଭ କରି ମଧୁମେହ, ଗ୍ୟାଷ୍ଟ୍ରିକ, ସ୍ନାୟୁରୋଗ ପର୍ଯ୍ୟନ୍ତ ହୋମିଓପ୍ୟାଥି ଚିକିତ୍ସାରେ ସୁଫଳ ମିଳିଥାଏ ।

***Desk***

# ରୋଇଂ ଚାମ୍ପିୟନ୍‌ସିପ୍

ଭାରତୀୟ ରୋଇଂ ଫେଡେରେସନ୍ ଓ ଓଡ଼ିଶା ଆସୋସିଏସନ୍ ଫର୍ ରୋଇଂ ଏଣ୍ଡ ସ୍କିଲିଂର ମିଳିତ ସହଯୋଗରେ ଆଜିଠାରୁ କଟକ ଜବାହରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ସର୍ବଭାରତୀୟ ଇଣ୍ଡୋର ରୋଇଂ ଚାମ୍ପିୟନ୍‌ସିପ୍ ଆରମ୍ଭ ହେବ । ଏକ ନୂଆ ଉପାୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଛି । ଜଳକ୍ରୀଡ଼ାରେ ପାଣି କିମ୍ବା ଡଙ୍ଗା ବ୍ୟବହାର କରା ନ ଯାଇ ଡଙ୍ଗା ଭଳି ଏକ ମେସିନ୍ ଜରିଆରେ ପ୍ରତିଯୋଗୀମାନେ ଖେଳିବେ । ୩୫୦ ଜଣ ପୁରୁଷ ଏବଂ ୨୫୦ ଜଣ ମହିଳା ରୋଇଂ ଚାମ୍ପିୟନ୍‌ସିପ୍‌ରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି ।

*****